ଧରିତ୍ରୀ
DHARITRI
ଗୁରୁବାର, ୨୬ ଅଗଷ୍ଟ, ୨୦୨୧



**ବର୍ଷା ପାଇଁ ଅଖଣ୍ଡଦୀପ ଜାଳିଲେ ଡେନ୍ତୁଲିପଡ଼ାବାସୀ**

ଚନ୍ଦାହାଣ୍ଡି, (ଡି.ଏନ୍.ଏ.): ବର୍ଷା ଅଭାବ ଯୋଗୁ ଚଳିତ ବର୍ଷ ଚାଷ କାର୍ଯ୍ୟରେ ବାଧା ଦେଖାଯାଉଛି। କରୋନାରେ ଲୋକଙ୍କ ଆର୍ଥିକ ମାନଦଣ୍ଡ ଭାଙ୍ଗିଯାଉଥିବାବେଳେ ବଞ୍ଚିବାର ରାହା ପାଲଟିଛି ଚାଷ। ଚାଷକୁ ନିର୍ଭରକରି ବଞ୍ଚିବାର ସ୍ୱପ୍ନ ଦେଖୁଥିବା ଚାଷୀଙ୍କୁ ବର୍ଷାଭାବ ନିରାଶ କରିଛି। ଅଞ୍ଚଳବାସୀ ସିଧାସଳଖ ପ୍ରକୃତି ଉପରେ ବିଶ୍ୱାସ ରଖି ବିଭିନ୍ନ ଗ୍ରାମରେ ହୋମ, ଯଜ୍ଞ, ପୁରାଣପାଠ, ନାମ ସଂକୀର୍ତ୍ତନ ତଥା ବେଙ୍ଗବେଙ୍ଗୁଲି ବିବାହ କରି ବର୍ଷା ପାଇଁ ଗୁହାରି କରିଛନ୍ତି। ବୁଧବାର ଡେନ୍ତୁଲିପଡ଼ା ଗ୍ରାମବାସୀ ବର୍ଷା ପାଇଁ ଗାଁ ମାଟିମା' ପାଖରେ ଦିନରାତି ପୂଜାର୍ଚ୍ଚନା ପୂର୍ବକ ଅଖଣ୍ଡଦୀପ ଜାଳିଛନ୍ତି।

## ସଂକ୍ଷେପରେ

### ଉପଜିଲାପାଳଙ୍କ ଚନ୍ଦାହାଣ୍ଡି ଗସ୍ତ

ଚନ୍ଦାହାଣ୍ଡି, ୨୫।୮(ଡି.ଏନ୍.ଏ.): ନବରଙ୍ଗପୁର ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ ଦିନିକିଆ ଚନ୍ଦାହାଣ୍ଡି ଗସ୍ତରେ ଆସିଛନ୍ତି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିବା ସହ ତହସିଲ ଅଫିସରେ ସରାକରୀ ଯୋଜନା ସମୀକ୍ଷା କରିଛନ୍ତି। ପ୍ରଥମେ ଚନ୍ଦାହାଣ୍ଡିସ୍ଥିତ ପାନାବେଡା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ରାଜ୍ୟ ସରକାରଙ୍କ ତରଫରୁ ନିର୍ମାଣାଧୀନ ସ୍ମାର୍ଟ କ୍ଲାସ ରୁମ କାର୍ଯ୍ୟ ବୁଲି ଦେଖିଥିଲେ। ଏହାପରେ ତହସିଲ ଅଡ଼ିସକୁ ଯାଇ ସମସ୍ତ ନଥିପତ୍ର ଯାଞ୍ଚ କରିଥିଲେ। ତହସିଲଦାର ଜି.ରଶ୍ମିରେଖା ଓ ଅତିରିକ୍ତ ତହସିଲଦାରଙ୍କୁ ରାଜସ୍ୱ ଆଦାୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ବିଡିଓ ଧର୍ମରାଜ ମାଝିଙ୍କ ଉପସ୍ଥିତିରେ ସମସ୍ତ ବିଭାଗୀୟ କର୍ମଚାରୀଙ୍କ ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ।

### ଭାରସାମ୍ୟ ହରାଇ କାର୍ ଦୁର୍ଘଟଣାଗ୍ରସ୍ତ

ଚନ୍ଦ୍ରପୁର,୨୫।୮(ଡି.ଏନ୍.ଏ.): ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା-ମୁନିଗୁଡ଼ା ମୁଖ୍ୟରାସ୍ତାରେ ବୁଧବାର ସକାଳେ ଏକ କାର୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। କାର୍ ଚାଳକ ଏବଂ ବିଶାଖାପାଟଣାରୁ ଫେରୁଥିବା ୨ ରୋଗୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣାରୁ ପ୍ରକାଶ, କାର୍‌ଟି ରୋଗୀଙ୍କୁ ନେଇ ବିଶାଖାପାଟଣାସ୍ଥିତ ଏକ ଡାକ୍ତରଖାନାରୁ ପାଣ୍ଡାଖାଲ ଫେରୁଥିଲା। ସକାଳେ ଅତ୍ୟଧିକ କୁହୁଡ଼ି ଯୋଗୁ ରାସ୍ତା ଠିକ୍‌ଭାବେ ଦେଖାଯାଉ ନ ଥିଲା। ସାମ୍ନାରୁ ଏକ ବାଇକ୍ ଆସିଯିବା ଫଳରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। କେହି ମୃତାହତ ହୋଇ ନାହାନ୍ତି।

### କଙ୍ଗାରୁ କୋର୍ଟରେ ମହିଳାଙ୍କୁ ହାଜର ମାମଲାରେ ୨ ଗିରଫ

କୋଡିଙ୍ଗା, ୨୫।୮(ଡି.ଏନ୍.ଏ.): ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବଡ଼ ଗୁମୁଡ଼ା ପଞ୍ଚାୟତ ସାନ ଗୁମୁଡ଼ା ଗ୍ରାମରେ ସାମାନ୍ୟ ବଚସାରୁ କଙ୍ଗାରୁ କୋର୍ଟରେ ମହିଳାଙ୍କୁ ହାଜର ମାମଲାରେ କୋଡିଙ୍ଗା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସାନ ଗୁମୁଡ଼ାର ଧନେଶ୍ୱର ମାଝି ଓ ଏକୋରୀ ଗାଁର ଗୋପାଳ ମାଝି। ସୂଚନାନୁଯାୟୀ, ପିଲା ଖେଳକୁ ନେଇ ସ୍ୱାତି ପନକାଙ୍କୁ କଙ୍ଗାରୁ କୋର୍ଟରେ ହାଜର କରାଯାଇ ୨ଲକ୍ଷ ଟଙ୍କା ଜରିମାନା କରାଯାଇଥିଲା। ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ସେଠାରେ ଉପସ୍ଥିତ ଲୋକେ ପୋଲିସକୁ ଆକ୍ରମଣ କରିଥିଲେ।

### ନଦୀରେ ବୁଡ଼ି ଶିଶୁକନ୍ୟା ମୃତ

ଦଶମନ୍ତପୁର,୨୫।୮(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତର ତଳଗଦ୍ରି ଗ୍ରାମର ଉତ୍ତରସନ ମୁଦୁଲିଙ୍କ ୩ବର୍ଷର ଝିଅ ସାବିତ୍ରୀ ମୁଦୁଲି ମଙ୍ଗଳବାର ଅପରାହ୍ଣରେ ନଦୀରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ସାବିତ୍ରୀଙ୍କ ମାଆ ବାପା ଝିଅକୁ ଘରେ ଛାଡ଼ି ଜମିକୁ କାମ କରିବାକୁ ଯାଇଥିଲେ। ଗ୍ରାମରେ ଥିବା ୧୦ ବର୍ଷର ପିଉସୀ ଟୁନି ମୁଦୁଲିଙ୍କ ସହ ସାବିତ୍ରୀ ମୁରାନ ନଦୀକୁ ଯାଇଥିଲେ। ଟୁନି ନଦୀ କୂଳରେ ବସି ବାସନ ଧୋଉଥିବା ବେଳେ ସାବିତ୍ରୀ ପାଣି ଭିତରକୁ ଚାଲିଯାଇଥିଲେ। ଏହା ଟୁନି ଜାଣିପାରି ନ ଥିଲେ। ସେ ବୁଡ଼ିଯାଉଥିବା ଦେଖି ଟୁନି ତାଙ୍କୁ ଧରି ଆଣିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ସେ ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ଜଣାଇବାରୁ ସାବିତ୍ରୀଙ୍କ ଜେଜେବାପା ସଦନ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ପାଣିରେ ଭାସୁଥିବା ଅବସ୍ଥାରେ ନାତୁଣୀଙ୍କୁ ଉଦ୍ଧାରକରି ଘରକୁ ଆଣିଥିଲେ। ସେତେବେଳକୁ ସାବିତ୍ରୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ପରିବାର ଲୋକେ ଥାନାରେ ଜଣାଇଛନ୍ତି।

### ଭୂପତି ସାହିରୁ ଚୋରି

ଜୟପୁର, ୨୫।୮ (ନି.ପ୍ର.): ଜୟପୁର ଭୂପତି ସାହିରୁ ଚୋରି ହୋଇଛି। ଘରେ କେହି ନଥିବାର ସୁଯୋଗ ନେଇ କେତେକ ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଚୋରି କରିଛନ୍ତି। ଲ୍ୟାପଟପର ଚାର୍ଜର, ମୋବାଇଲ, ନଗଦ ଟଙ୍କା ନେଇଯାଇଥିବା ଟାଉନ ଥାନାରେ ଘର ମାଲିକ ଜାମି ସନ୍ତୋଷ କୁମାର ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ କରି ଫେରିଛି। ଗତ ୨ ଦିନ ତଳେ ମଧ ଜୟପୁର ମାଛବନ୍ଧ ସାହରୁ ଚୋରି ହୋଇଥିଲା ।

### ପଞ୍ଚାୟତ କାର୍ଯ୍ୟାଳୟ ଘେରିଲା ବିଜେଡି

ଜୟପୁର ୨୫।୮ (ନି ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ପଞ୍ଚାୟତ କାର୍ଯ୍ୟାଳୟକୁ ଘେରାଉ କରିଛି ବିଜେଡି। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱ ନେଇଥିଲେ। ପଞ୍ଚାୟତର ସମସ୍ତଙ୍କୁ ଆବାସ ଯୋଜନାରେ ସାମିଲ କରିବା ଦାବିରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିପିଓଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ବାଲା ରାୟ, ରଘୁ ତ୍ରିପାଠୀ, ରାମେଶ୍ୱର ଶୁକ୍ରି ଉପସ୍ଥିତ ଥିଲେ।

# ୪ ଜଳଭଣ୍ଡାରକୁ ନେଇ ଇକୋ ଟୁରିଜମ୍ ବ୍ୟବସ୍ଥା ଦାବି

## ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ବଣିକ ସଂଘର ଦାବିପତ୍ର

ଡେନ୍ତୁଲିଖୁଣ୍ଟି, ୨୫।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡେନ୍ତୁଲିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ବଣିକ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାର ଗର୍ବ କୁହାଯାଉଥିବା ଇନ୍ଦ୍ରାବତୀ ପ୍ରକଳ୍ପର ପାରିପାର୍ଶ୍ୱିକ ବିକାଶ, ଭୁବନେଶ୍ୱରକୁ ବସ୍ ଚଳାଚଳ, ସବୁ ଅଞ୍ଚଳରେ ଟେଲିସେବା, ଜଳଭଣ୍ଡାରରେ ମାଛଚାଷ, ଶ୍ମଶାନ ଘାଟରେ ପିଣ୍ଡି ଓ ପାନୀୟ ଜଳ ବ୍ୟବସ୍ଥା, ଛାତ୍ରୀଛାତ୍ରଙ୍କ ପାଇଁ ବୈଷୟିକ ଦକ୍ଷତା ବିକାଶ କେନ୍ଦ୍ର, ୪ଟି ଜଳଭଣ୍ଡାରକୁ ନେଇ ଇକୋ ଟୁରିଜମ୍ ବ୍ୟବସ୍ଥା, କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

୧୧୦ ବର୍ଗ କିଲୋମିଟର ପରିବ୍ୟାପ୍ତ ବୃହତ୍ ଜଳଭଣ୍ଡାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୌଡ଼ ଦେଓପାଲି, ତଳନାଗି, ପାଡ଼େପଦର, ଟାଙ୍ଗନୀ କୋଟ, ବାଗ୍ରା ଆଦି ଅଞ୍ଚଳରେ ଟେଲି ଯୋଗାଯୋଗ ବ୍ୟବସ୍ଥା ନାହିଁ। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଟେଲିଯୋଗାଯୋଗ ବ୍ୟବସ୍ଥା କରିବାକୁ ବଣିକ ସଂଘ ସଭାପତି ମୃତ୍ୟୁଞ୍ଜୟ ପାତ୍ର କହିଛନ୍ତି। ବୃହତ୍ ଜଳଭଣ୍ଡାରରେ ଇକୋଟୁରିଜମ୍ ବ୍ୟବସ୍ଥା କରାଗଲେ ସ୍ଥାନୀୟ ତଥା ପଡ଼ୋଶୀ ଜିଲାର ଅର୍ଥନୈତିକ ବିକାଶ ହୋଇପାରିବ। ଏସିଆର ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପର ସୁରକ୍ଷା ଘରୋଇ ସଂସ୍ଥା ବଦଳରେ କେନ୍ଦ୍ରୀୟ ଅବା ରାଜ୍ୟର ସୁରକ୍ଷା ଏଜେନ୍ସି ମାଧ୍ୟମରେ କରିବାକୁ ଉଲ୍ଲେଖ କରାଯାଇଛି। ଜଳଭଣ୍ଡାରରେ ମୋଟର ବୋଟ୍ ପ୍ରଚଳନ ପାଇଁ ଦାବି କରାଯାଇଛି। ମକା ପ୍ରୋସେସିଂ ପ୍ଲାଣ୍ଟ ସମେତ ଚିନିକଳ ସ୍ଥାପନ କରି ଅଞ୍ଚଳକୁ ବିକଶିତ କରିବା ପାଇଁ ନିବେଦନ କରାଯାଇଛି। ଇନ୍ଦ୍ରାବତୀ ଅଞ୍ଚଳରେ ଏକ ବ୍ୟାଙ୍କ ଶାଖା ଖୋଲିବା, ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ବାସହରା ଲୋକଙ୍କୁ ସରକାରଙ୍କ ଘୋଷଣା ଅନୁଯାୟୀ ମାଗଣା ବିଦ୍ୟୁତ୍, ପାନୀୟଜଳ ଯୋଗାଇଦେବାକୁ ଦାବି ହୋଇଛି। ଇନ୍ଦ୍ରାବତୀ ପ୍ରକଳ୍ପ ପ୍ରତିଷ୍ଠାତା ପ୍ରବାଦ ପୁରୁଷ ବିଜୁବାବୁଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଏକ ପ୍ରମୁଖ ସ୍ଥାନରେ ଉଦ୍ୟାନ ସହ ସ୍ଥାପନ ପାଇଁ ନିବେଦନ କରାଯାଇଛି।

ଘାଟଗୁଡ଼ାଠାରେ ମୁରାନ ନଦୀରେ ପୋଲ ନିର୍ମାଣ, ପ୍ରସ୍ତାବିତ ମଞ୍ଚାଗାଁ ପଞ୍ଚାୟତ କେନ୍ଦୁଗୁଡ଼ାରେ କପୁର ନଦୀ ଜଳଭଣ୍ଡାରରେ ୭୦ ମିଟର ଲମ୍ବ ପୋଲ ଆରମ୍ଭ କରିବାକୁ ଦାବି ହୋଇଛି। ଏହାଦ୍ୱାରା ରାୟଗଡ଼ା ଜିଲାକୁ ଉତ୍ତମ ସଡ଼କ ଯୋଗାଯୋଗ ହୋଇପାରିବ। ଦାବିପତ୍ରର ନକଲ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କୁ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ସୁଶାନ୍ତ ରାଉତ, ମନୋଜ ମହାପାତ୍ର, କୁନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# 'ଦଳ ବିରୋଧୀ କାର୍ଯ୍ୟ କରୁଛନ୍ତି ବାହିନୀପତି'



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତାମାନେ।

## ନବରଙ୍ଗପୁର ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ

ନବରଙ୍ଗପୁର, ୨୫।୮ (ବି.ପ୍ର.)

ନବରଙ୍ଗପୁର କଂଗ୍ରେସ ଭବନରେ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଜିଲା ସଭାପତି ମୁନ୍ନା ତ୍ରିପାଠୀ କହିଛନ୍ତି, କୋରାପୁଟର ପୂର୍ବତନ ବିଧାୟକ କୈଳାସ କୁଲେସିକାଙ୍କୁ ନେଇ ଆରମ୍ଭ ହୋଇଥିବା ବିବାଦ କଂଗ୍ରେସ ଭିତରେ ଭିନ୍ନ ମୋଡ଼ ନେଉଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଦଳ ବିରୋଧୀ କାର୍ଯ୍ୟ କରୁଛନ୍ତି। ନବରଙ୍ଗପୁର ଜିଲାକୁ ଯାଇ ବିଧାୟକ ବାହିନୀପତି ୫୦ହଜାର ଲୋକଙ୍କ ସମାବେଶ କରିବା ପାଇଁ ଯେଉଁ ମନ୍ତବ୍ୟ ଦେଇଛନ୍ତି ତା' ଉପରେ ଜିଲା କଂଗ୍ରେସ ମତ ରଖିଛି। ଜିଲା କଂଗ୍ରେସର ଅନୁମତି ନେଇ ବାହିନୀପତି ସମାବେଶ କଲେ ଏଠାରେ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ମିଳିବ। ଅନ୍ୟ ଭାବରେ ସଭା କରିବାକୁ ଚାହିଁଲେ ଦଳ ବିରୋଧ କରିବ। ପ୍ରଦୀପ ମାଝିଙ୍କ ବିରୋଧରେ ଯେଉଁ ମନ୍ତବ୍ୟ ଓ କଟୁ ସମାଲୋଚନା ଜୟପୁର ବିଧାୟକ ଦେଉଛନ୍ତି ତାହାର ଜବାବ ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଅବିଭକ୍ତ କୋରାପୁଟ ଜିଲା ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ଛାଡ଼ି ରାଜନୀତି କରିବା ଅସମ୍ଭବ। କୋରାପୁଟ ଜିଲାରେ ସେମାନଙ୍କ ମଧ୍ୟରେ କ'ଣ ହୋଇଛି ତାହା ନବରଙ୍ଗପୁର ଆଡ଼କୁ ଆଣିଲେ ଠିକ୍ ହେବ ନାହିଁ ବୋଲି କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଉପସଭାପତି ସୁବାସ ଚନ୍ଦ୍ର ସୁର, ଦିଲୀପ ବେହେରା, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଭୀମ ହରିଜନ, ରାଇଘର ବ୍ଲକ କଂଗ୍ରେସ ସଭାପତି ସୁବଳନ ସାନ୍ତା, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦା ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ବାବୁଲା ପଟ୍ଟନାୟକ, ଜିଲା ଏସ୍‌ସି ସେଲ୍ ସଭାପତି ଗଜେନ୍ଦ୍ର ନାୟକ, ସମ୍ପାଦକ ନୱାଲ ପନକା, ସାଧାରଣ ସମ୍ପାଦକ କୁନା ପାଢ଼ୀ, ଉପସଭାପତି ଧରମ ସିଂଙ୍କ ସମେତ ବ୍ଲକ ଓ ପୌରାଞ୍ଚଳ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

# ୫ ମାସ ହେଲା ମିଳୁନି ଦରମା

## ବକେୟା ଦେବାକୁ ଦାବି କଲେ ଆତ୍ମା କର୍ମଚାରୀ

ରାୟଗଡ଼ା ଅଫିସ,୨୫।୮

ରାୟଗଡ଼ା ଜିଲା କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମା) ଅଧୀନରେ ଜିଲାର ୧୧ ବ୍ଲକରେ ୩୮ ଜଣ ଏବଂ ଜିଲା ଆତ୍ମା ସେଲ୍‌ରେ ୨ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ହେଲେ ଦୀର୍ଘ ୫ ମାସ ହେଲା ଏହି ୪୦ କର୍ମଚାରୀ ଦରମା ପାଇ ନ ଥିବା ଅଭିଯୋଗ କରିଛନ୍ତି। କରୋନା ପରିସ୍ଥିତିରେ ସେମାନଙ୍କୁ ଦରମା ନ ମିଳିବା ଯୋଗୁ ବହୁ ଅସୁବିଧାରେ ଚଳୁଥିବା ସେମାନେ କହିଛନ୍ତି। ଏ ନେଇ ବୁଧବାର କର୍ମଚାରୀମାନେ ରାୟଗଡ଼ା 'ଆତ୍ମା'ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଜରିଆରେ ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ଦ୍ଦେଶକ(ଇମେଜ୍)ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କର୍ମଚାରୀମାନେ ଆତ୍ମାର ଅଧକ୍ଷ ତଥା ଜିଲାପାଳ ଏବଂ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ମଧ ଭେଟି ସମସ୍ୟା ଜଣାଇଛନ୍ତି। କାଳିଆ ଯୋଜନା, ବଳରାମ ଯୋଜନା, ମୃତ୍ତିକା ପରୀକ୍ଷା ପ୍ରଶିକ୍ଷଣ, ଚାଷୀଙ୍କ ପଞ୍ଜୀକରଣ, ରାଜ୍ୟ ଯୋଜନା ଓ ଜାତୀୟ ଖାଦ୍ୟ ନିରାପତ୍ତା ସହ ସରାକାରଙ୍କ ଅନେକ ଯୋଜନାରେ କର୍ମଚାରୀମାନେ କାମ କରିଛନ୍ତି। ସେହିପରି ଆତ୍ମା ଗାଇଡ୍‌ଲାଇନ୍ ଅନୁଯାୟୀ ୧୦ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି ନିୟମ ଥିଲେ ମଧ ତାହା କାର୍ଯ୍ୟକାରୀ କରାଯାଉ ନ ଥିବା କର୍ମଚାରୀମାନେ କହିଛନ୍ତି। ଖରିଫ ଋତୁ ଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ଆତ୍ମା କର୍ମଚାରୀ ବିଭିନ୍ନ ଯୋଜନାରେ କାମକୁ ତଦାରଖ କରୁଛନ୍ତି। ହେଲେ ସେମାନଙ୍କୁ ଅଣଦେଖା କରାଯାଉଥିବା ସେମାନେ ଜଣାଇଛନ୍ତି।



ରହି ରୌପ୍ୟ ଓ ବ୍ରୋଞ୍ଜ ପଦ.....

# ଜାଗୃତି ସାଂସ୍କୃତିକ ସଂଘ ପକ୍ଷରୁ ଦାବିପତ୍ର

ଗୁଣପୁର,୨୫।୮(ଡି.ଏନ୍.ଏ.)

ବଂଶଧାରା ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବିରେ ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ଚାଲିଥିବା ଆନ୍ଦୋଳନ ୨୫ ଦିନରେ ପହଞ୍ଚିଛି। ବୁଧବାର ଗୁଣପୁର ସହର ମରାଠିଗୁଡ଼ାସ୍ଥିତ ଜାଗୃତି ସାଂସ୍କୃତିକ ସଂଘ ଏଥିରେ ସାମିଲ ହୋଇଥିଲା। ସଂଘର ସଦସ୍ୟମାନେ ନୂତନ ବସ୍‌ଷ୍ଟାଣ୍ଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରୁ ନୀରବ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଣପୁର ଉପଜିଲାପାଳଙ୍କ ଜରିଆରେ ଡେପୁଟି କଲେକ୍ଟର ନିରଞ୍ଜନ ନାୟକଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଦାବି ହୋଇଛି। ଏଥିସହ ଆନ୍ଧ୍ର ପକ୍ଷରୁ କରାଯାଉଥିବା ନେରେଡି ପ୍ରକଳ୍ପକୁ ବିରୋଧ କରାଯାଇଛି। ସଂଘର ସଭାପତି ମନୋରଞ୍ଜନ ରଥ ଏବଂ ସମ୍ପାଦକ ଶିବପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା।

# ଅକ୍ଟୋବର ୫ରେ ଆଲୁମିନା ପ୍ରକଳ୍ପ ନିମନ୍ତେ ଜନଶୁଣାଣି

ରାୟଗଡ଼ା ଅଫିସ,୨୫।୮

ରାୟଗଡ଼ା ଜିଲା କାଶିପୁର ବ୍ଲକ କଂସାରିଗୁଡ଼ା ଠାରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ଦ୍ୱାରା ୩.୦ ଏମ୍‌ଟିପିଏ ଆଦିତ୍ୟ ଆଲୁମିନା ବିଶୋଧନ ପ୍ରକଳ୍ପ ଏବଂ ୧୫୦ ମେଗାୱାଟ କୋ-ଜେନେରେଶନ ପାୱାର ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟକୁ ନେଇ ଦୀର୍ଘ ୧୪ବର୍ଷ ଧରି ବିବାଦ ଲାଗିରହିଛି। ଏହାର ସମାଧାନ ନିମନ୍ତେ ପୁଣି ଥରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ନେଇ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କୁ ନେଇ ପୁନର୍ବାର ଏକ ଜନଶୁଣାଣି କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଗଷ୍ଟ ୬ରେ ରାୟଗଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଅନୁଯାୟୀ, ଅକ୍ଟୋବର ୫ ପୂର୍ବାହ୍ନ ୧୧ଟାରେ ପହୁଣ୍ଡି ଗ୍ରାମ ପୋଡାପାଡ଼ି ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ଜନଶୁଣାଣି କରାଯିବାକୁ ଧାର୍ଯ୍ୟ ହୋଇଛି। ଏ ନେଇ ରାୟଗଡ଼ା ଜିଲାପାଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରିଙ୍କୁ ଅବଗତ କରାଇଛନ୍ତି। ଅନ୍ୟପକ୍ଷରେ କଂସାରୀଗୁଡ଼ାଠାରେ ଆଦିତ୍ୟ ଆଲୁମିନା ପ୍ରକଳ୍ପ ନିର୍ମାଣ ଦ୍ୱାରା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକଙ୍କୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ପକ୍ଷରୁ ଜୁଲାଇ ୧୭ ରେ ଏକ ତ୍ରିପାକ୍ଷିକ ଭର୍ଚୁଆଲ ଆଲୋଚନା ହୋଇଥିଲା। ଏଥିରେ ମଧ କ୍ଷତିଗ୍ରସ୍ତ ଲୋକେ ଶୀଘ୍ର କମ୍ପାନୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବି ଜଣାଇଥିଲେ। ତେବେ ସରକାରଙ୍କ ନିର୍ଦ୍ଦେଶକୁ ନେଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଜଣାଇଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ମଧ ସରକାରଙ୍କୁ ଅବଗତ କରାଯିବ ବୋଲି ଜିଲାପାଳ କହିଥିବା ଉକ୍ତ ଭର୍ଚୁଆଲ ବୈଠକରେ ଉପସ୍ଥିତ ଥିବା ବିସ୍ଥାପିତମାନେ ସୂଚନା ଦେଇଛନ୍ତି।

# ୩ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

## ଟ୍ରାକ୍ଟର-ଟ୍ରକ ଦୁର୍ଘଟଣା

ମାଲକାନଗିରି,୨୫।୮ (ଡି.ଏନ.ଏ.)

ମାଲକାନଗିରି ଜିଲାର ଏମଭି-୧୬ ଗ୍ରାମରେ ଟ୍ରାକ୍ଟରକୁ ଟ୍ରକ ଧକ୍କା ଦେବାରୁ ଟ୍ରାକ୍ଟରରେ ଥିବା ତିନିଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୧ ତାରିଖ ରାତ୍ରିରେ କାଲିମେଳାରୁ ଏକ ଚିପ୍ସ ବୋଝେଇ ଟ୍ରାକ୍ଟର ମାଲକାନଗିରି ଆସୁଥିବା ବେଳେ ଏମ.ଭି-୧୬ ଗ୍ରାମ ନିକଟରେ ଟ୍ରାକ୍ଟରର ଚକା ପଙ୍କଚର ହୋଇଥିଲା। ଟ୍ରାକ୍ଟରଟି ରାସ୍ତା କଡରେ ଠିଆ ହୋଇଥିବା ବେଳେ ଆନ୍ଧ୍ରରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ଭାରସାମ୍ୟ ହରାଇ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଏଥିରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଥିଲେ। ଅନ୍ୟପକ୍ଷରେ ମାଲକାନଗିରି ଗସ୍ତରେ ଥିବା ମନ୍ତ୍ରୀ ପଦ୍ମିନି ଦିଆନ , ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା , ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି ବୁଧବାର ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୌଡଗୁଡା ଗ୍ରାମରେ ଥିବା ମୃତକ ଈଶ୍ୱର ଗୌଡ, ମୁଣ୍ଡାଗୁଡା ଗ୍ରାମର ମୃତକ ରୁଦ୍ର ନାଏକ ଓ ମାଥିଲି ବ୍ଲକ କୁଦୁଲଗୁଡା ଗ୍ରାମର ମୃତକ ଲଚମନ ଗୌଡଙ୍କ ପରିବାରକୁ ଭେଟିଛନ୍ତି।

# ଚକ୍ଷୁ ଅସ୍ତ୍ରୋପଚାର ପାଇଁ ୧୧ ଶିଶୁ ଭୁବନେଶ୍ୱର ଗଲେ

କୋରାପୁଟ,୨୫।୮(ସ୍ୱ.ପ୍ର)

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଜରିଆରେ କୋରାପୁଟ ଜିଲାର ୧୧ ଶିଶୁ ଚକ୍ଷୁ ଅସ୍ତ୍ରୋପଚାର ନିମନ୍ତେ ବୁଧବାର ଭୁବନେଶ୍ୱର ଯାଇଛନ୍ତି। ଆୟୁଷ ଡାକ୍ତର ଯୋଶୀକେତନ ଶବରଙ୍କ ତତ୍ତ୍ୱାବଧାନରେ ଭୁବେନେଶ୍ୱରସ୍ଥିତ ଏଲ୍.ଭି. ପ୍ରସାଦ ଚକ୍ଷୁ ହସପିଟାଲକୁ ସେମାନଙ୍କୁ କଠାଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭୁବେନେଶ୍ୱର ଯାଇଥିବା ଶିଶୁଙ୍କ ମଧ୍ୟରେ ପଟ୍ଟାଙ୍ଗି ବ୍ଲକର ଉର୍ମିଳା ରମଣ ଦୋରା, ବି. ରୋହିତ, ଜୟପୁର ବ୍ଲକର ହିରଣ ହରିଜନ. ବିକ୍ରମ ତନ୍ତି, କୋଟପାଡ ବ୍ଲକର ନୀଳ ରନ୍ଧାରୀ, ଲଙ୍କାମଣି ମୁରିଆ, ଭୂମିକା ହରିଜନ, ସେମିଳିଗୁଡ଼ା ବ୍ଲକର ପୂର୍ଣ୍ଣିମା ଦେଉଳପାଡ଼ିଆ, ବୋରିଗୁମ୍ମାର କିରଣ ହରିଜନ, କୁନ୍ଦ୍ରା ବ୍ଲକର ଶଙ୍କର ସାରୁବୁ, ଦାମନଯୋଡ଼ି ଭେଜାପୁଟ ଗ୍ରାମର ଚଞ୍ଚଳା ବେସରା ରହିଛନ୍ତି। ଏହି ଅବସରରେ ଏନ୍‌ଏଚ୍‌ଏମ୍‌ର ଜିଲା ପ୍ରକଳ୍ପ ସଂଯୋଜକ ଶୁଭକାନ୍ତ ଗନ୍ତାୟତ, ଆର୍‌ବିଏସ୍‌କେ ପରଚାଳକ ବିଭୁରଞ୍ଜନ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଚସ୍ତରୀୟ ତଦନ୍ତ ହେଲେ ଖୋଲିବ ଗୁମର

ମାଲକାନଗିରି,୨୫।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ପଥରଖଣି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାର ତଦନ୍ତକରି ମଙ୍ଗଳବାର ସମସ୍ତ ୪୮ଟି ଟେଣ୍ଡରକୁ ବାତିଲ କରାଯାଇଛି। ଏଥିରୁ ସ୍ପଷ୍ଟ ଯେ କଂଗ୍ରେସର ଅଭିଯୋଗରେ ସତ୍ୟତା ରହିଛି। ପୂର୍ବରୁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିଲା। ତେବେ ଏହି ଘଟଣା ପଛରେ ଜଡ଼ିତ ଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କୌଣସି ଆଇନଗତ ପଦକ୍ଷେପ ଏଯାଏ ହୋଇନାହିଁ। ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ବିନା ସହଯୋଗରେ ଏପରି ଦୁର୍ନୀତି ହୋଇପାରିବ ନାହିଁ ବୋଲି ପୂର୍ବତନ ଏମ୍‌ପି ପ୍ରଦୀପ ମାଝି କହିଛନ୍ତି। କେବେ ପ୍ରଶାସନ ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତକରି ଉପଯୁକ୍ତ ପଦକ୍ଷେପ ନେଲେ ଅନେକ ଅଧିକାରୀଙ୍କ ଗୁମର ପଦାକୁ ଆସିବ ବୋଲି ମାଝି ପ୍ରକାଶ କରିଛନ୍ତି।

# ରେଳପଥ ପାଇଁ ଜମି ଅଧିଗ୍ରହଣ ଆରମ୍ଭ

ଖଇରପୁଟ, ୨୫।୮(ଡି.ଏନ.ଏ.)

ମାଲକାନଗିରି ଜିଲାରେ ରେଳପଥ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଜୟପୁରଠାରୁ ମାଲକାନଗିରି ପର୍ଯ୍ୟନ୍ତ ୧୩୦ କିମି ପାଇଁ ଜମି ଅଧିଗ୍ରହଣ ହେବ। ଏନେଇ ଜୟପୁର,ବୈପାରିଗୁଡା, ଖଇରପୁଟ, ମାଥିଲି ଏବଂ ମାଲକାନଗିରି ତହସିଲ ପକ୍ଷରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଦୁଇ ଦିନ ହେଲା ଖଇରପୁଟ ତହସିଲ ପକ୍ଷରୁ ତହସିଲଦାର ରାମକୃଷ୍ଣ ନାୟକଙ୍କ ତତ୍ତ୍ୱାବଧାନରେ ଲୁନଖାଲି ଠାରୁ ଖେମାଗୁଡା ପର୍ଯ୍ୟନ୍ତ ୨୨ କିମି ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ଏହି ୨୨ କିମି ମଧ୍ୟରେ ବାହାଦୁରଗୁଡା, ନୂଆଗୁଡା, କୁସୁମପୁଟ, ଚାପଲାପଡା, ପାରୁଗୁଡା, ଲୁନଖାରି ପ୍ରମୁଖ ଗ୍ରାମ ରହିଛି। ଆଉ କିଛି ଦିନ ମଧ୍ୟରେ ଏହି ଅଧିଗ୍ରହଣ କାର୍ଯ୍ୟ ଶେଷ ହେବ ବୋଲି ତହିସିଲଦାର ନାୟକ କହିଛନ୍ତି।



ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସାମିଲ ହୋଇଥିବା ଅଧିକାରୀମାନେ।

# ନାବାଳିକାଙ୍କ ଉପରେ ଆକ୍ରମଣ

ମାଲକାନଗିରି,୨୫।୮ (ଡି.ଏନ.ଏ.)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାଲକାନଗିରି ସଦର ବ୍ଲକର ତାମସା ପଞ୍ଚାୟତ ଅନ୍ତର୍ଗତ ଏମଭି-୧୩ ଗ୍ରାମରେ ଜଣେ ଝିଅ ଉପରେ ଆକ୍ରମଣ ହୋଇଛି। ଗ୍ରାମର ବିଶ୍ୱଜିତ ବରମନଙ୍କ ୧୦ ବର୍ଷର ଝିଅକୁ ତାଙ୍କ ବାପା ମା' ଘରେ ନ ଥିବା ବେଳେ ସେହି ଗ୍ରାମର ସ୍ମୃତି ବୈରାଗୀ ନାମକ ମହିଳା ପଥରରେ ଆକ୍ରମଣ କରିଥିଲେ। ଗ୍ରାମର ଶେଫାଳୀ ବରମନ ଏହା ଦେଖି ଝିଅଟିକୁ ତାଙ୍କ କବଳରୁ ଉଦ୍ଧାର କରିଥିଲେ।

# ମହିଳାଙ୍କ ୩ ସନ୍ତାନ ଜନ୍ମ

କୋରୁକୋଣ୍ଡା ୨୫।୮(ଡି.ଏନ. ଏ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବାଲିମେଳା ଏନଏସିରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା ବୁଧବାର ତିନୋଟି ଶିଶୁ ଜନ୍ମ ଦେଇଛନ୍ତି। ନିଲାକମ୍ବରୁ ପଞ୍ଚାୟତର ଦାଣ୍ଡିଗୁଡ଼ା ଗ୍ରାମର ଗୀତା ବେହୁରା(୨୭)ଙ୍କ ଗର୍ଭଯନ୍ତ୍ରଣା ହେବାରୁ ସ୍ୱାମୀ ସର୍ବେଶ୍ୱର ବେହୁରା ତାଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାପସ ରଞ୍ଜନ ପଣ୍ଡା, ଅମ୍ବିକାରାଣୀ ନାଥ ଓ ଷ୍ଟାଫନର୍ସ ମୀରାରାଣୀ ସେଠୀଙ୍କ ତତ୍ତ୍ୱାବଧାନରେ ଗୀତା ଦୁଇଟି କନ୍ୟା ସନ୍ତାନ ଓ ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପିଲା ଓ ମା'ଙ୍କ ନିରାପତ୍ତା ପାଇଁ ସେମାନଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବାଲିମେଳା ଡ୍ୟାମରେ ହ୍ରାସ ପାଉଛି ଜଳପତ୍ତନ

ଚିତ୍ରକୋଣ୍ଡା,୨୫।୮(ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ଜଳଭଣ୍ଡାରର ଚିତ୍ରକୋଣ୍ଡା ସ୍ପିଲବାଇ ନିକଟରେ ଥିବା ଡ୍ୟାମର ଜଳପତ୍ତନ ଚଳିତବର୍ଷ ହ୍ରାସ ପାଇଥିବା ଦେଖିବାକୁ ମିଳିଛି । ଡ୍ୟାମରେ ଗତବର୍ଷ ଏହି ସମୟରେ ୧୫୦୦ ଫୁଟରୁ ଊର୍ଦ୍ଧ୍ୱ ପାଣି ଥିବାବେଳେ ଚଳିତ ବର୍ଷ ୧୪୬୭ ଫୁଟ ପାଣି ରହିଛି। ଚଳିତବର୍ଷ ସେମିତି ବଡ଼ ଲଗାଣ ବର୍ଷା ହୋଇନାହିଁ । ବାଲିମେଳା ଡ୍ୟାମ ଚିତ୍ରକୋଣ୍ଡାର ଜଳଧାରଣ କ୍ଷମତା ୧୫୧୬ ଫୁଟ ଥିବା ବେଳେ ଅଗଷ୍ଟ ଶେଷ ସପ୍ତାହରେ ମାତ୍ର ୧୪୬୭ ଫୁଟ ପାଣି ରହିଛି। ପ୍ରତିବର୍ଷ ସେପ୍ଟେମ୍ବର ଏବଂ ଅକ୍ଟୋବର ମାସରେ ଡ୍ୟାମରେ ଜଳ ବୃଦ୍ଧି ହୋଇଥାଏ। ଏ ସମ୍ପର୍କରେ କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କବି ପ୍ରସାଦ ନାଥଙ୍କୁ ପଚାରିବାରୁ ସେ କହିଲେ ଯେ, ଡ୍ୟାମରେ ପାଣି କମ ନେଇ କିଛି ମଧ ନିର୍ଦ୍ଦିଷ୍ଟ ଭାବେ କହିହେବ ନାହିଁ। ଆହୁରି ବର୍ଷା ସମୟ ଦୁଇ ମାସ ରହିଛି। ଯଦି ଏହି ସମୟରେ ଭଲ ବର୍ଷା ହୁଏ ତେବେ ଡ୍ୟାମର ଜଳପତ୍ତନ ନିଶ୍ଚିତ ବୃଦ୍ଧି ପାଇବ।

# ଜଳଭଣ୍ଡାରରେ ଛଡ଼ାଗଲା ୨ଲକ୍ଷ ୨୫ ହଜାର ଯାଆଁଳ

ଚିତ୍ରକୋଣ୍ଡା,୨୫।୮(ଡି.ଏନ.ଏ.)

- ୫୦ ପରିବାରକୁ ମିଳିଲା ଲାଇଫ ଜ୍ୟାକେଟ ଓ ଜାଲ
- ୨ହଜାର ପରିବାରଙ୍କ ଜୀବନ ଜୀବିକାରେ ଉନ୍ନତି ଘଟିବ
- ସ୍ୱାଭିମାନ ଅଞ୍ଚଳରେ ତ୍ୱରାନ୍ୱିତ ହେଉଛି ଉନ୍ନୟନମୂଳକ କାର୍ଯ୍ୟ



କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀଙ୍କୁ ଲାଇଫ ଜ୍ୟାକେଟ ପ୍ରଦାନ କରାଯାଉଛି।

ମାଲକାନଗିରି ଜିଲାପାଳ ବିଶାଳ ସିଂଙ୍କ ଉପସ୍ଥିତିରେ ସ୍ୱାଭିମାନ ଅଞ୍ଚଳର ଗୁରୁପ୍ରିୟା ସେତୁ ଯୋଜନାରେ ବୁଧବାର ସ୍ପିଲ୍‌ୱେ ଲଞ୍ଚଘାଟଠାରେ ୨ଲକ୍ଷ ୨୫ ହଜାର ଅଙ୍ଗୁଳିକା ମାଛ ଯାଆଁଳ ଜଳଭଣ୍ଡାରରେ ଛଡ଼ାଯାଇଛି। ଆଗାମୀ ଦିନରେ ଆହୁରି ଯାଆଁଳ ବିଭିନ୍ନ ନଦୀଘାଟରେ ଛଡାଯିବ। ଏହି ଅବସରରେ ଜିଲାପାଳ ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ୫୦ ମତ୍ସ୍ୟଜୀବୀ ପରିବାରକୁ ଲାଇଫ ଜ୍ୟାକେଟ୍ ଓ ମାଛଧରା ଜାଲ ବଣ୍ଟନ କରିଛନ୍ତି। ମାଛ ଯାଆଁଳା ଦ୍ୱାରା ସ୍ୱାଭିମାନ ଅଞ୍ଚଳର ୬ଟି ମତ୍ସ୍ୟ ସମବାୟ ସମିତିର ୨ହଜାର ପରିବାରଙ୍କ ଜୀବନ ଜୀବିକାରେ ଉନ୍ନତି ଘଟିବ ବୋଲି ଜିଲାପାଳ ସିଂ ପ୍ରକାଶ କରିଛନ୍ତି। ଜିଲା ମତ୍ସ୍ୟ ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର, ସ୍ପିଲ୍‌ୱେ ମା' ଦୁର୍ଗା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ଗୁରୁପ୍ରିୟା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, ସୁଡଗେଂସ୍ର ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସହ ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର ଶେଖର ଆଚାରୀ,ସମବାୟ ନିରୀକ୍ଷକ ସଂଗ୍ରାମ କେଶରୀ ବିଶ୍ୱାଳ ଓ କୈଳାସ ଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଚିତ୍ରକୋଣ୍ଡା ପଞ୍ଚାୟତ ସମିତିଅନ୍ତର୍ଗତ ବିଭିନ୍ନ ନଦୀଘାଟ ଯଥା ଯାନବାଇ, ମୁକ୍ତାମ୍ବ, ମାଳିଗୁଡ଼ା, କରଲାମାଲ, ଗୁରୁପ୍ରିୟା, ଚିତ୍ରକୋଣ୍ଡା ଜଳଭଣ୍ଡାର, ଡାଇକି-୧,ପିପଲପଦର ଓ କେନ୍ଦୁଗୁଡ଼ା ନଦୀଘାଟରେ ପ୍ରଶାସନ ପକ୍ଷରୁ ୭୦ ଲକ୍ଷ ଅଙ୍ଗୁଳିକା ମାଛ ଯାଆଁଳ ଛଡ଼ାଯାଇଥିଲା। ଗୁରୁପ୍ରିୟା ସେତୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଭିମାନ ଅଞ୍ଚଳର ଉନ୍ନତି ଲାଗି ୧୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ଏହାପରଠାରୁ ଉକ୍ତ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ଲାଗିଛି। ମତ୍ସ୍ୟଚାଷ ବୃଦ୍ଧି ଲାଗି ମତ୍ସ୍ୟଜୀବୀ ପରିବାରକୁ ଉତ୍ସାହିତ କରାଯାଉଛି। ଏଥିପାଇଁ ୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

